# REGIONAL NEWS UNIT, AIR CUTTACK

## Mid-day Bulletin (2.32PM)

**5 June – 2025**

**News Editor : Tapan Kumar Moharana**

**************************************

## ମୁଖ୍ୟ ସମ୍ବାଦ

- ପ୍ଲାଷ୍ଟିକ୍ ପ୍ରଦୂଷଣକୁ ପ୍ରତିହତ କରିବା ବାର୍ତ୍ତା ନେଇ ଆଜି ପାଳନ କରାଯାଉଛି **ବିଶ୍ୱ ପରିବେଶ ଦିବସ**

— ଏକ ପେଡ୍ ମା' କେ ନାମ୍ ଅଭିଯାନରେ ପ୍ରଧାନମନ୍ତ୍ରୀ କଲେ ବଟବୃକ୍ଷ ରୋପଣ

- ଗଞ୍ଜାମ ଜିଲ୍ଲାରେ ୨୮ ହଜାର କୋଟିରୁ ଊର୍ଦ୍ଧ୍ୱ ଟଙ୍କାର ୧୨ଟି ଶିଳ୍ପ ପ୍ରକଳ୍ପର ଶିଳାନ୍ୟାସ କଲେ ମୁଖ୍ୟମନ୍ତ୍ରୀ

— ରମ୍ଭାଠାରେ ଭାଷା-ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି କରିଥିବା ୪୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତି କଲେ ଉନ୍ମୋଚନ

- ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ୮୬୬କୁ ବୃଦ୍ଧି

ଏବଂ

- ଜ୍ୟେଷ୍ଠ ଶୁକ୍ଳପକ୍ଷ ଦଶମୀ ତିଥିରେ ଶ୍ରୀମନ୍ଦିରରେ ଶ୍ରୀଜୀଉମାନଙ୍କର ଆଜି ଅନୁଷ୍ଠିତ ହେଉଛି ରାଜେନ୍ଦ୍ରାଭିଷେକ ନୀତି

## ବିଶ୍ୱ ପରିବେଶ ଦିବସ

'ପ୍ଲାଷ୍ଟିକ ପ୍ରଦୂଷଣକୁ ପ୍ରତିହତ କରିବା' ବାର୍ତ୍ତା ନେଇ ଆଜି 'ବିଶ୍ୱ ପରିବେଶ ଦିବସ' ପାଳନ କରାଯାଉଛି। ୧୯୭୪ ମସିହାରୁ ପ୍ରତିବର୍ଷ ଜୁନ୍ ୫ ତାରିଖରେ ଏହି ଦିବସ ପାଳନ କରାଯାଇ ଆସୁଛି । ପ୍ଲାଷ୍ଟିକ ପ୍ରଦୂଷଣର ଭୟାବହତା, ପ୍ଲାଷ୍ଟିକର ଅପବ୍ୟବହାର ଓ ବିଶ୍ୱସ୍ତରରେ ଜୀବଜଗତ ସହ ମାନବ ସ୍ୱାସ୍ଥ୍ୟ ଉପରେ ଏହାର ବିନାଶକାରୀ ପ୍ରଭାବକୁ ମୁଳପୋଛ କରିବାର ଆବଶ୍ୟକତାକୁ ଗୁରୁତ୍ୱ ପ୍ରଦାନ କରିବା ବିଶ୍ୱ ପରିବେଶ ଦିବସ ପାଳନର ଲକ୍ଷ୍ୟ ।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ପରିବେଶ ସୁରକ୍ଷା ପାଇଁ ପ୍ଲାଷ୍ଟିକ ତିଆରି ଦ୍ରବ୍ୟ ଓ ପ୍ୟାକେଜିଂକୁ ପରିତ୍ୟାଗ କରି କପଡ଼ା ବା ଝୋଟ ବ୍ୟାଗ୍ ଏବଂ ଉତ୍ସବରେ ପତ୍ର ଓ ମାଟିରେ ପ୍ରସ୍ତୁତି ସାମଗ୍ରୀର ବ୍ୟବହାର କରିବା ସହ ପାରମ୍ପରିକ ଜୀବନଶୈଳୀ ଆପଣେଇବାକୁ ଆହ୍ୱାନ ଦେଇଛନ୍ତି।

## ପିଏମ୍ ଏନ୍‌ଭରମେଣ୍ଟ ଡେ

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ନୂଆଦିଲ୍ଲୀସ୍ଥିତ ଭଗବାନ ମହାବୀର ବନସ୍ଥଳୀ ପାର୍କରେ ଏକ ଚାରାରୋପଣ କାର୍ଯ୍ୟକ୍ରମରେ ଯୋଗ ଦେଇଛନ୍ତି। 'ଏକ ପେଡ୍ ମା' କେ ନାମ' ଅଭିଯାନରେ ପ୍ରଧାନମନ୍ତ୍ରୀ ଶ୍ରୀ ମୋଦୀ ଏକ ବଟବୃକ୍ଷ ରୋପଣ କରିଛନ୍ତି। ଏହା ଆରାବଳୀ ସବୁଜ ପ୍ରାଚୀର ଯୋଜନା ଅଧୀନରେ ଆରାବଳୀ ବନାଞ୍ଚଳରେ ୭୦୦ କିଲୋମିଟର ଦୈର୍ଘ୍ୟ ବନାଞ୍ଚଳ

ପୁନଃ ବନୀକରଣ ପଦକ୍ଷେପର ଅଂଶ । ଏହି ଯୋଜନା ମାଧ୍ୟମରେ ସ୍ଥାନୀୟ ଲୋକଙ୍କ ମଧ୍ୟରେ ରୋଜଗାର ସୃଷ୍ଟି କରିବାକୁ ଲକ୍ଷ୍ୟ ରଖାଯାଇଛି । ବିଶ୍ୱ ପରିବେଶ ଦିବସ ଅବସରରେ ପ୍ରଧାନମନ୍ତ୍ରୀ ଶୁଭେଚ୍ଛା ବାର୍ତ୍ତାରେ କହିଛନ୍ତି.....

**- V/O - (PM-Envernment)**

**ବିଶ୍ୱ ପରିବେଶ ଦିବସ**

ସୁସ୍ଥ ସମାଜ ପାଇଁ ସୁସ୍ଥ ପରିବେଶ ଅପରିହାର୍ଯ୍ୟ। ପରିବେଶ ପ୍ରତି ଜନସାଧାରଣ ସଚେତନ ହେବା ଜରୁରୀ ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି। ଭୁବନେଶ୍ୱରସ୍ଥିତ ଓୟୁଏଟି କୃଷି ଶିକ୍ଷା ସଦନଠାରେ ରାଜ୍ୟସ୍ତରୀୟ ବିଶ୍ୱ ପରିବେଶ ଦିବସ ସମାରୋହରେ ଯୋଗଦେଇ ଶ୍ରୀ ମାଝୀ କହିଛନ୍ତି, ରାଜ୍ୟ ସରକାର ଚଳିତବର୍ଷ ୭ କୋଟିରୁ ଊର୍ଦ୍ଧ୍ୱ ଚାରାରୋପଣ କରିବେ। ପରିବେଶ ସଂରକ୍ଷଣ ଏବଂ ଜଳବାୟୁ ପରିବର୍ତ୍ତନ ସମ୍ବନ୍ଧରେ ସଚେତନତା ସୃଷ୍ଟି କରିବା ପାଇଁ ଆଜିର ଦିନ ଉତ୍ସର୍ଗୀକୃତ। ପରିବେଶ ସଂରକ୍ଷଣ ପାଇଁ ନିଆଯାଉଥିବା ପ୍ରତ୍ୟେକ ପଦକ୍ଷେପ ଭବିଷ୍ୟତ ପିଢ଼ି ପାଇଁ ଏକ ସୁସ୍ଥ ଜୀବନଯାପନର ସହଜ ଓ ସରଳ ମାଧ୍ୟମ ହୋଇପାରିବ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି।

ଏହି ଅବସରରେ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ ପ୍ଲାଷ୍ଟିକ୍ ପ୍ରଦୂଷଣକୁ ସମାପ୍ତ କରି ସୁସ୍ଥ ପରିବେଶ ବଜାୟ ରଖିବା ପାଇଁ ସଂକଳ୍ପ ନେବାକୁ ଆହ୍ୱାନ ଦେଇଛନ୍ତି। ମୁଖ୍ୟମନ୍ତ୍ରୀ ପରିବେଶ ସଂରକ୍ଷଣ କ୍ଷେତ୍ରରେ ଉଲ୍ଲେଖନୀୟ କାର୍ଯ୍ୟ କରିଥିବା

ବିଭିନ୍ନ ଜିଲ୍ଲାର ୧୮୫ ପ୍ରକୃତିମିତ୍ର ଏବଂ ୨୧୧ ପ୍ରକୃତିବନ୍ଧୁ ପୁରସ୍କାରପ୍ରାପ୍ତ ଅନୁଷ୍ଠାନ ଏବଂ ବ୍ୟକ୍ତିଙ୍କୁ ଶୁଭେଚ୍ଛା ଜଣାଇଛନ୍ତି।

କାର୍ଯ୍ୟକ୍ରମରେ ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶରାମ ସିଂ ଖୁଣ୍ଟିଆ, ମୁଖ୍ୟ ଶାସନ ସଚିବ ମନୋଜ ଆହୂଜା, କୃଷିସଦନ ପରିସରରେ 'ଏକ ପେଡ୍ ମା'କେ ନାମ' ଅଭିଯାନରେ ଚାରା ରୋପଣ କରିଥିଲେ।

## ମୁଖ୍ୟମନ୍ତ୍ରୀଙ୍କ ଗଞ୍ଜାମ ଗସ୍ତ

ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ଆଜି ଦିନିକିଆ ଗଞ୍ଜାମ ଜିଲ୍ଲା ଗସ୍ତରେ ଯାଇ ୨୮ ହଜାର ୧୨୦ କୋଟି ଟଙ୍କା ବ୍ୟୟ ଅଟକଳରେ ନିର୍ମିତ ହେବାକୁ ଥିବା ୧୨ଟି ଶିଳ୍ପ ପ୍ରକଳ୍ପର ଭିତ୍ତିପ୍ରସ୍ତର ସ୍ଥାପନ କରିଛନ୍ତି। ଛତ୍ରପୁର ଷ୍ଟାଡିୟମ୍‌ଠାରେ ଆୟୋଜିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ ଯୋଗଦେଇ ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି, ଏହି ଶିଳ୍ପ ପ୍ରତିଷ୍ଠା ଦ୍ୱାରା ପ୍ରାୟ ୧୫ ହଜାର ୫୦୦ ରୁ ଅଧିକ ନିଯୁକ୍ତି ସୁଯୋଗ ସୃଷ୍ଟି ହେବ। ଗଞ୍ଜାମ ଜିଲ୍ଲାର ବିକାଶଧାରା ତ୍ୱରାନ୍ୱିତ ହେବା ସହ ରାଜ୍ୟର ଆର୍ଥିକ ଅଭିବୃଦ୍ଧିରେ ଏହା ସହାୟକ ହୋଇପାରିବ। ସ୍ୱତନ୍ତ୍ର ଓଡ଼ିଶା ଗଠନରେ ଗଞ୍ଜାମ ଜିଲ୍ଲାର ଭୂମିକା ଉପରେ ଆଲୋକପାତ କରି ମୁଖ୍ୟମନ୍ତ୍ରୀ କହିଛନ୍ତି, ଶିଳ୍ପ କ୍ଷେତ୍ରରେ ଏହି ଜିଲ୍ଲା ଉଲ୍ଲେଖନୀୟ ସାବ୍ୟସ୍ତ ହେବାକୁ ଯାଉଛି। ଗଞ୍ଜାମ ଜିଲ୍ଲା ପ୍ରତି ନିବେଶକଙ୍କ ଆଗ୍ରହ ବୃଦ୍ଧି ପାଉଥିବା ନେଇ ମୁଖ୍ୟମନ୍ତ୍ରୀ ସୂଚନା ଦେଇଛନ୍ତି। ଏହି କାର୍ଯ୍ୟକ୍ରମରେ ଶିଳ୍ପମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ, ବାଣିଜ୍ୟ ଓ ପରିବହନ ମନ୍ତ୍ରୀ ବିଭୂତ ଭୂଷଣ ଜେନା, ମତ୍ସ୍ୟ ଓ ପ୍ରାଣୀସମ୍ପଦ ମନ୍ତ୍ରୀ

ଗୋକୁଳାନନ୍ଦ  ମଲ୍ଲିକ୍, ସାଂସଦ ଡକ୍ଟର ପ୍ରଦୀପ କୁମାର ପାଣିଗ୍ରାହୀ ଏବଂ ସୁନୀତା ଶୁଭଦର୍ଶିନୀ ପଟ୍ଟନାୟକ ପ୍ରମୁଖ ଯୋଗଦେଇଥିଲେ।

ଶ୍ରୀ ମାଝୀ ରମ୍ଭାଠାରେ ଓଡ଼ିଶା ପ୍ରଦେଶ ଗଠନ, ଭାଷା ସାହିତ୍ୟ ଓ ସଂସ୍କୃତିର ଅଭିବୃଦ୍ଧି କ୍ଷେତ୍ରରେ ଉଲ୍ଲେଖନୀୟ ଅବଦାନ ପ୍ରଦାନ କରିଥିବା ୪୧ ଜଣ ବରପୁତ୍ରଙ୍କ ପ୍ରତିମୂର୍ତ୍ତିକୁ ଉନ୍ମୋଚନ କରିଛନ୍ତି।

## କରୋନା

ଦେଶରେ କରୋନା ଆକ୍ରାନ୍ତଙ୍କ ସଂଖ୍ୟା ୪ ହଜାର ୮୬୬କୁ ବୃଦ୍ଧି ପାଇଛି। ଗତ ୨୪ ଘଣ୍ଟା ମଧ୍ୟରେ ୫୦୦ ରୁ ଅଧିକ କରୋନା ଆକ୍ରାନ୍ତଙ୍କୁ ଚିହ୍ନଟ କରାଯାଇଛି। ୭ ଜଣଙ୍କର ଇତିମଧ୍ୟରେ ମୃତ୍ୟୁ ହୋଇଥିବା ଜଣାପଡିଛି। ସ୍ୱାସ୍ଥ୍ୟ ଓ ପରିବାର କଲ୍ୟାଣ ମନ୍ତ୍ରଣାଳୟ ପକ୍ଷରୁ ଦିଆଯାଇଥିବା ସୂଚନା ଅନୁସାରେ ମୃତକଙ୍କ ମଧ୍ୟରେ ୩ ଜଣ ମହାରାଷ୍ଟ୍ରର  ଏବଂ ଦିଲ୍ଲୀ ଓ କର୍ଣ୍ଣାଟକର ୨ ଜଣ ଲେଖାଏଁ ରହିଛନ୍ତି।

## ଦକ୍ଷତା ବିକାଶ ଓ ନିଯୁକ୍ତି କ୍ଷେତ୍ର

ସେବା, ସୁଶାସନ ଏବଂ ଗରିବ କଲ୍ୟାଣ ନୀତି ଆଧାରିତ ବିଭିନ୍ନ କ୍ଷେତ୍ରରେ ଗତ ଦଶନ୍ଧୀ ମଧ୍ୟରେ ଦେଶରେ ଉଲ୍ଲେଖନୀୟ ପରିବର୍ତ୍ତନ ଲକ୍ଷ୍ୟ କରାଯାଇଛି। ଆକାଶବାଣୀ ସମ୍ବାଦ ବିଭାଗ ଗତ ୧୧ ବର୍ଷ ମଧ୍ୟରେ ପ୍ରମୁଖ କ୍ଷେତ୍ରଗୁଡ଼ିକରେ ସରକାରଙ୍କ ପକ୍ଷରୁ ଗ୍ରହଣ କରାଯାଇଥିବା ପଦକ୍ଷେପଗୁଡ଼ିକ ଉପରେ ସ୍ୱତନ୍ତ୍ର ପ୍ରସ୍ତୁତି ଉପସ୍ଥାପନ କରୁଛି। ଆଜି ଆମେ ଦକ୍ଷତା ବିକାଶ ଏବଂ ନିଯୁକ୍ତି କ୍ଷେତ୍ର ଉପରେ ଆଲୋକପାତ କରିବା। ଆଜିର ବିଷୟବସ୍ତୁ

ହେଉଛି ଭାରତର ଅମୃତ ପିଢ଼ି ତଥା ଯୁବବର୍ଗଙ୍କୁ ସଶକ୍ତ କରିବା। ଏ ସମ୍ପର୍କରେ ଆକାଶବାଣୀ ସମ୍ବାଦ ବିଭାଗ ପକ୍ଷରୁ **ସ୍ମୃତିରେଖା ତାରେଣିଆ**ଙ୍କ ରିପୋର୍ଟ...

## - V/O -

*( ଦେଶର ମୋଟ ଜନସଂଖ୍ୟାର ପ୍ରାୟ ୬୫ ପ୍ରତିଶତ ୩୫ବର୍ଷରୁ କମ୍ ବୟସ୍କ ଯୁବବର୍ଗ ଅଛନ୍ତି। ଦକ୍ଷତା ଏବଂ ଯୁବ ସଶକ୍ତୀକରଣ ହେଉଛି ଭାରତର ଭବିଷ୍ୟତର ଚାବିକାଠି। ନିଯୁକ୍ତି ସୁଯୋଗ ସୃଷ୍ଟି ପାଇଁ ସରକାରଙ୍କ ପକ୍ଷରୁ ପ୍ରୟାସ ଜାରି ରହିଛି। ମହାବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ଚାକିରି ପାଇଁ ପ୍ରସ୍ତୁତି ଉନ୍ନତ ହୋଇଛି। ୨୦୧୪ ମସିହାରେ ଏହା ୩୪ ପ୍ରତିଶତ ଥିବାବେଳେ ୨୦୨୪ ମସିହାରେ ଏହା ୫୧ ପ୍ରତିଶତରୁ ଅଧିକ ହୋଇଛି।*

*ପ୍ରଧାନମନ୍ତ୍ରୀ କୌଶଳ ବିକାଶ ଯୋଜନା ଅଧୀନରେ ଗତ ୧୦ ବର୍ଷ ମଧ୍ୟରେ ୧ କୋଟି ୬୩ ଲକ୍ଷରୁ ଅଧିକ ଯୁବବର୍ଗ ତାଲିମ ପାଇଛନ୍ତି। ଭାରତ ଦକ୍ଷତା ମିଶନ ମାଧ୍ୟମରେ ଶିଳ୍ପ ସମ୍ବନ୍ଧୀୟ ପ୍ରସଙ୍ଗରେ ତାଲିମ ପ୍ରଦାନ କରାଯାଉଛି। କ୍ଷୁଦ୍ର ଏବଂ ମଧ୍ୟମ ଉଦ୍ୟୋଗ, ଷ୍ଟାର୍ଟଅପ୍ ଏବଂ ଉଦ୍ୟୋଗୀଙ୍କ ପାଇଁ ଉନ୍ନତ ବୈଷୟିକ ଉପକରଣ ଯନ୍ତ୍ରପାତି ଏବଂ ପ୍ରଯୁକ୍ତିବିଦ୍ୟାର ସୁବିଧା ସହିତ କାର୍ଯ୍ୟକ୍ଷେତ୍ରରେ ଉନ୍ନତ ତାଲିମ ପ୍ରଦାନର ବ୍ୟବସ୍ଥା ରହିଛି। ନିଯୁକ୍ତିକ୍ଷେତ୍ରରେ ଗତ ୨୦୨୨ ମସିହାରୁ ଆରମ୍ଭ ହୋଇଥିବା ରୋଜଗାର ମେଳା ମାଧ୍ୟମରେ ୧୫ଟି ଜାତୀୟ କାର୍ଯ୍ୟକ୍ରମରେ ପ୍ରାୟ ୧୦ ଲକ୍ଷ ଯୁବବର୍ଗଙ୍କୁ ନିଯୁକ୍ତିପତ୍ର ପ୍ରଦାନ କରାଯାଇଛି। ୨୦୧୭ ମସିହାରୁ ଏପର୍ଯ୍ୟନ୍ତ ୮ କୋଟି*

*୫୦ ଲକ୍ଷରୁ ଅଧିକ ଲୋକ କର୍ମଚାରୀ ଭବିଷ୍ୟନିଧି ପାଣ୍ଠିରେ ଅନ୍ତର୍ଭୁକ୍ତ ହୋଇଛନ୍ତି ।*

*ଏହା ମଧ୍ୟରେ ୨୦୨୦ ମସିହାରୁ ୩ କୋଟି ୪୫ ଲକ୍ଷ ଯୁବକଯୁବତୀ ରହିଛନ୍ତି । ମୁଦ୍ରା ଯୋଜନା ସହଜ ଋଣ ପ୍ରଦାନ ସହିତ କ୍ଷୁଦ୍ର ବ୍ୟବସାୟକୁ ପ୍ରୋତ୍ସାହନ ପ୍ରଦାନ କରୁଛି । ଏହା ଅଧୀନରେ ୬ କୋଟି ୬୭ ଲକ୍ଷରୁ ଅଧିକ ଋଣ ମଞ୍ଜୁର କରାଯାଇଛି । ଭାରତ ଏବେ ବିଶ୍ୱସ୍ତରରେ ତୃତୀୟ ସର୍ବବୃହତ୍ ଷ୍ଟାର୍ଟଅପ୍ ଇକୋ-ସିଷ୍ଟମ୍ ପାଲିଟିଛି । ୨୦୧୬ରୁ ଷ୍ଟାର୍ଟଅପ୍ ଇଣ୍ଡିଆ ପଦକ୍ଷେପ ମାଧ୍ୟମରେ ଏପର୍ଯ୍ୟନ୍ତ ୧ ଲକ୍ଷ ୫୯ ହଜାରରୁ ଅଧିକ ଷ୍ଟାର୍ଟଅପ୍‌କୁ ସ୍ୱୀକୃତି ପ୍ରଦାନ କରାଯାଇଛି । ଏ କ୍ଷେତ୍ରରେ ୧୬ ଲକ୍ଷରୁ ଅଧିକ ପ୍ରତ୍ୟେକ୍ଷ ନିଯୁକ୍ତି ସୁଯୋଗ ସୃଷ୍ଟି ହୋଇଛି । ୭୩ ହଜାରରୁ ଅଧିକ ଷ୍ଟାର୍ଟଅପ୍‌ରେ  ଅତି କମ୍‌ରେ ଜଣେ ଲେଖାଏଁ ମହିଳା ନିର୍ଦ୍ଦେଶକ ଅଛନ୍ତି । ଦକ୍ଷତା ବିକାଶ, ନିଯୁକ୍ତି ସୁଯୋଗ ଏବଂ ଉଦ୍ୟୋଗ କ୍ଷେତ୍ର ଏକତ୍ରିତ ଭାବେ  ଦେଶର ନୂତନ ପିଢ଼ିର ଯାତ୍ରାକୁ ଉଜ୍ଜ୍ୱଳ ଭବିଷ୍ୟତ ଆଡକୁ ଆଗେଇ ନେଉଛି ।)*

## ବିଶ୍ୱ ପରିବେଶ ଦିବସ-ଜିଲ୍ଲା

ବିଶ୍ୱ ପରିବେଶ ଦିବସ ପାଳନ ଏବଂ ପ୍ଲାଷ୍ଟିକ୍ ବ୍ୟବହାର ବର୍ଜନ ନେଇ ବିଭିନ୍ନ ଜିଲ୍ଲାରୁ ସମ୍ବାଦ ଆମର ହସ୍ତଗତ ହୋଇଛି ।

**ନୂଆପଡ଼ା** ଜିଲ୍ଲା ଖଡିଆଳ ବନଖଣ୍ଡ ବିଭାଗ, ବିଜ୍ଞପିତ ଅଂଚଳ ପରିଷଦ ଏବଂ ଖଡିଆଳ ପଂଚାୟତ ସମିତିର ମିଳିତ ସହଯୋଗରେ ଖଡିଆଳ ବ୍ଲକ୍‌ଠାରେ ଅନୁଷ୍ଠିତ କାର୍ଯ୍ୟକ୍ରମରେ  ସରକାରୀ କର୍ମଚାରୀମାନେ

ପରବେଶର ସୁରକ୍ଷା ନେଇ ସଂକଳ୍ପ ନେଇଥିଲେ। **ଢେଙ୍କାନାଳ**ର ପ୍ରଜାପିତା ବ୍ରହ୍ମକୁମାରୀ ଈଶ୍ୱରୀୟ ବିଶ୍ୱବିଦ୍ୟାଳୟ ଶାଖା ତରଫରୁ ଭାଇଭଉଣୀମାନେ କଙ୍କଡପାଳ ଗ୍ରାମପଂଚାୟତର ସୁନ୍ଦରୀଖାଲଠାରେ ଚାରାରୋପଣ କରିବା ସହିତ ପରିବେଶ ସୁରକ୍ଷା ସମ୍ପର୍କିତ ବାର୍ତ୍ତା ଦେଇଥିଲେ। **ସମ୍ବଲପୁର** ଜିଲ୍ଲା ପ୍ରଶାସନ ପକ୍ଷରୁ ଜମାପାଲି ନର୍ସରୀଠାରେ ଆୟୋଜିତ କାର୍ଯ୍ୟକ୍ରମରେ ଜିଲ୍ଲାପାଳ ସିଦ୍ଧେଶ୍ୱର ବଳିରାମ ବୋନ୍ଦର ଉପସ୍ଥିତ ରହି ସବୁଜ ସମ୍ବଲପୁର ମିଶନର ଶୁଭାରମ୍ଭ କରିଥିଲେ। ସୂଚନା ଅନୁସାରେ, ଏହି ମିଶନ ଜରିଆରେ ଆଜିଠାରୁ ଅଗଷ୍ଟ ମାସ ୩୧ ତାରିଖ ପର୍ଯ୍ୟନ୍ତ ସମ୍ବଲପୁର ଅଂଚଳରେ ୧ ଲକ୍ଷ ଚାରା ଲଗାଯିବ।

## ରାଜେନ୍ଦ୍ରାଭିଷେକ ନୀତି

**ପୁରୀ** ଶ୍ରୀମନ୍ଦିରରେ ଆଜି ଜ୍ୟେଷ୍ଠ ଶୁକ୍ଳପକ୍ଷ ଦଶମୀ ତିଥିରେ ମହାପ୍ରଭୁଙ୍କ ରାଜେନ୍ଦ୍ରାଭିଷେକ ନୀତି ଅନୁଷ୍ଠିତ ହେବ। ଆସନ୍ତାକାଲି ରୁକ୍ମିଣୀ ହରଣ ଏକାଦଶୀ ପୂର୍ବରୁ ମହାପ୍ରଭୁଙ୍କର ଆଜି ସନ୍ଧ୍ୟା ଧୂପ ନୀତି ପରେ ଏହି ନୀତି କରାଯିବ। ପରମ୍ପରା ଅନୁସାରେ ମହାପ୍ରଭୁଙ୍କର ଚଳନ୍ତୀ ପ୍ରତିମା ମଦନମୋହନ ଆଜ୍ଞାମାଳ ପ୍ରାପ୍ତି ପରେ ଭୋଗଘର ନିକଟକୁ ବିଜେ କରିବେ। ଏହି ସମୟରେ ମହାପ୍ରଭୁଙ୍କର ଆଲଟଲାଗି ସହ ପଣା ଭୋଗ ଲାଗି ହୋଇଥାଏ। ଭୋଗବାଟଠାରେ ବଚନିକା ହେବା ସହ ପରବର୍ତ୍ତୀ ସମୟରେ ମଦନମୋହନ ରଥକୁ ବିଜେ କରିଥାନ୍ତି। ରଥବେଢ଼ା ପରିକ୍ରମା କରିସାରିବା ପରେ ମହାପ୍ରଭୁଙ୍କ ନିକଟରେ ଦଣ୍ଡପ୍ରଣାମ କରିବାର ବିଧି ରହିଛି।

## ସ୍ନାନପୂର୍ଣ୍ଣିମା

ଆଗାମୀ ପୁରୀ ରଥଯାତ୍ରାରେ ସ୍ନାନପୂର୍ଣ୍ଣିମାକୁ ଶୃଙ୍ଖଳିତ କରିବା ନେଇ ଜିଲ୍ଲା ପୁଲିସ୍ କାର୍ଯ୍ୟାଳୟଠାରେ କେନ୍ଦ୍ରାଞ୍ଚଳ ଆଇଜି ଏସ୍.ପ୍ରବୀଣ କୁମାରଙ୍କ ଅଧ୍ୟକ୍ଷତାରେ ସୁରକ୍ଷା ସମ୍ପର୍କିତ ସମୀକ୍ଷା ବୈଠକ ଅନୁଷ୍ଠିତ ହୋଇଯାଇଛି । ବୈଠକରେ ଦେବସ୍ନାନ ପୂର୍ଣ୍ଣିମାରେ ସୁରକ୍ଷା ବ୍ୟବସ୍ଥା ଉପରେ ଆଲୋଚନା କରାଯାଇଥିଲା । ପୁରୀରେ ୭୦ ପ୍ଲାଟୁନ୍ ପୋଲିସ୍ ଫୋର୍ସ୍ ୪ ଜଣିଆ ଏସ୍‌ପି ପାହ୍ୟା କମାଣ୍ଡାଣ୍ଟ, ୪୫୦ ଅଧିକାରୀ ମୁତୟନ ହେବେ । ଭକ୍ତଙ୍କ ଶୃଙ୍ଖଳିତ ଦର୍ଶନ, ସୁରକ୍ଷା ଓ ଟ୍ରାଫିକ୍ ସୁପରିଚାଳନା ଉପରେ ଆଇ.ଜି. ବୈଠକରେ ମତବ୍ୟକ୍ତ କରିଛନ୍ତି । ସୂଚନା ଅନୁସାରେ, ଆସନ୍ତା ୯ ତାରିଖ ସୋମବାର ଦିନ ଆଇନ୍ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଦ୍ୱିତୀୟ ରଥ ସମନ୍ୱୟ ବୈଠକ ଅନୁଷ୍ଠିତ ହେବ ।

## ରୋଗୀ ମୃତ୍ୟୁ – ତଦନ୍ତ

କୋରାପୁଟ ସହିଦ ଲକ୍ଷ୍ମଣ ନାୟକ ଭେଷଜ ମହାବିଦ୍ୟାଳୟରେ ଚିକିତ୍ସାଧୀନ ୬ ଜଣ ରୋଗୀଙ୍କ ମୃତ୍ୟୁ ଘଟଣାର ତଦନ୍ତ ଆରମ୍ଭ ହୋଇଛି । କଟକ ଏସ୍‌ସିବି ମେଡିକାଲ କଲେଜ ଓ ବ୍ରହ୍ମପୁର ଏମ୍‌କେସିଜି ମେଡିକାଲ କଲେଜ୍‌ର ୫ ଜଣିଆ ଦଳ ଏହି ତଦନ୍ତ କରୁଛନ୍ତି । ସ୍ୱାସ୍ଥ୍ୟମନ୍ତ୍ରୀ ଡକ୍ଟର ମୁକେଶ ମହାଲିଙ୍ଗ ମଧ୍ୟ ଆଜି କୋରାପୁଟ ମେଡିକାଲ କଲେଜ ଗସ୍ତ କରି ପରିସ୍ଥିତିର ସମୀକ୍ଷା କରିଛନ୍ତି । ସର୍ଜରୀ ଏବଂ ଆଇସିୟୁ ୱାର୍ଡକୁ ଯାଇ ମନ୍ତ୍ରୀ ଡକ୍ଟର ମହାଲିଙ୍ଗ ରୋଗୀ ଚିକିତ୍ସା ସମ୍ପର୍କରେ ପଚାରି ବୁଝିଛନ୍ତି । ଡକ୍ଟର ମହାଲିଙ୍ଗ

କହିଛନ୍ତି, ତଦନ୍ତ କମିଟିର ରିପୋର୍ଟ ଆଧାରରେ ପରବର୍ତ୍ତୀ ପଦକ୍ଷେପ ଗ୍ରହଣ କରାଯିବ।

*********************************